Rediffusion/Edelman

CoverageReport: TCS IT Wiz – Mega Finals

**Publication:** Manthan
**Date:**19/12/2014
**Edition:** Bhubaneswar
**Page No:**8
**Headline:**DAV Bhubaneshwar finishes as runners up of TCS IT Wiz 2014

# ଟିସିଏସ୍ ଆଇଟି ୱିଜ୍ ୨୦୧୪ରେ ଡିଏଭି ଭୁବନେଶ୍ୱର ରନର୍ସ ଅପ

ଭୁବନେଶ୍ୱର,୧୮।୧୨: ଭାରତ ଓ ୟୁଏଇରେ ସ୍କୁଲ ସ୍ତରରେ ସର୍ବବୃହତ କୁଇଜ କାର୍ଯ୍ୟକ୍ରମ ଭାବେ ପରିଚିତ ତଥା ସବୁଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଟିସିଏସ୍ ଆଇଟି ୱିଜ୍‌ର ମେଗା ଫାଇନାଲ୍‌ରେ ମୁମ୍ବଇର ତାଜଲ୍ୟାଣ୍ଡସ ଏଣ୍ଡ ହୋଟେଲରେ ଡିସେମ୍ବର ୧୪ ତାରିଖରେ ଭାରତରୁ ୬ ଏବଂ ୟୁଏଇର ଗୋଟିଏ ଏହିଭଳି ୭ଟି ଦଳ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଥିଲା। କୁଇଜ ପାଞ୍ଚରାଉଣ୍ଡ ପରେ ଚେନ୍ନଇସ୍ଥିତ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ ଅଭିନବ ମୋଟ ୫୦ ପଏଣ୍ଟ ସ୍କୋର କରିବା ସହିତ ଚମ୍ପିଆନ ହୋଇଥିଲେ। ଭୁବନେଶ୍ୱର ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଦିବ୍ୟେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇଥିଲେ।

ଚଳିତ ବର୍ଷ ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଭାରତରେ ଅହମଦାବାଦ, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦରାବାଦ, କୋଚି, କଲକାତା, ଲକ୍ଷ୍ନୌ, ମୁମ୍ବଇ, ନାଗପୁର ଏବଂ ପୁଣେ ଆଦି ୧୪ଟି ସ୍ଥାନରେ ଆଞ୍ଚଳିକ ସ୍ତରରେ ଆୟୋଜିତ ଟିସିଏସ ଆଇଟି ୱିଜ୍‌ରେ ୮ମରୁ ୧୨ଶ ଶ୍ରେଣୀରେ ପଢୁଥିବା ୧୯୦୦ ସ୍କୁଲରୁ ୧୮,୪୩୨ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ମେଗା ଫାଇନାଲ ପୂର୍ବରୁ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତ୍ୟେକରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତି ସେମିଫାଇନାଲର ଶ୍ରେଷ୍ଠ ୩ଟି ଦଳ ମେଗାଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ ଏବଂ ସେମାନଙ୍କ ସହିତ ୟୁଏଇ ଦଳ ମଧ୍ୟ ରହିଥିଲା। ସେମି ଫାଇନାଲ ୧ରେ ନାଗପୁର, ବାଙ୍ଗାଲୋର, କୋଏମ୍ବାଟୁର, ହାଇଦରାବାଦ, ଅହମଦାବାଦ, ଭୁବନେଶ୍ୱର ଓ ପୁଣେ ଥିବାବେଳେ ସେମିଫାଇନାଲ ୨ରେ କୋଚି, ଚେନ୍ନଇ, ଦିଲ୍ଲୀ, ଇନ୍ଦୋର, କଲକାତା, ମୁମ୍ବଇ ଓ ଲକ୍ଷ୍ନୌ ରହିଥିଲା। ପ୍ରତ୍ୟେକ ସେମିଫାନାଲ୍‌ରେ ୧୫ଟି ପ୍ରଶ୍ନ ସହିତ ବଜର୍ କରିଆରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଏବଂ ୧୦ଟି ପ୍ରଶ୍ନ ପରେ ଆଗୁଆ ଥିବା ଦଳ ୱାଇଲଡ କାର୍ଡ ଜରିଆରେ ମେଗା ଫାଇନାଲରେ ସିଧାସଳଖ ପ୍ରବେଶ କରିଥିଲେ।



ଅନ୍ୟ ଦୁଇଟି ଦଳକୁ ଅବଶିଷ୍ଟ ପାଞ୍ଚଟି ପ୍ରଶ୍ନରୁ ମନୋନୀତ କରାଯାଇଥିଲା। କଡା ମୁକାବିଲାମୂଳକ ସେମିଫାଇନାଲ୍‌ରେ ମେଗା ଫାଇନାଲକୁ ମୁମ୍ବଇ (ଅଭିଷେକ ମୁଥାଙ୍ଗେ ଓ ନିଖିଲକୁମାର, ଆର ଏନ ପୋଦାର ସ୍କୁଲ), ଅହମଦାବାଦ (ଅଂଶୁଲ ରୟ ଓ ଅଭୟ ଭେଙ୍କଟେଶ, ଦିଲ୍ଲୀ ପବ୍ଲିକ ସ୍କୁଲ, ଭୋପାଳ), ବାଙ୍ଗାଲୋର (ହରିକିରଣ ଓ ସିଦ୍ଧାର୍ଥ ଶ୍ରୀବାସ୍ତବ, ସେଣ୍ଟ ପଲ୍‌ସ ଇଂଲିଶ ସ୍କୁଲ), ୟୁଏଇ (ମଧୁର ସିଂଘଲ ଓ ମାଧବ ସୁବ୍ରମଣ୍ୟମ, ଦିଲ୍ଲୀ ପ୍ରାଇଭେଟ ସ୍କୁଲ, ଶାରଜା), ଭୁବନେଶ୍ୱର (କ୍ରିଷ୍ଣେନ୍ଦୁ ମହାପାତ୍ର ଓ ଦିବ୍ୟେନ୍ଦୁ ମିଶ୍ର, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ), ଚେନ୍ନଇ (ଅର୍ଜୁନ ଅରବିନ୍ଦ ଓ ଅଭିନବ, ପିଏସ ସିନିୟର ସେକେଣ୍ଡାରୀ ସ୍କୁଲ, ମାଇଲାପୁର) ଏବଂ କୋଚି (ଅଦିତ ଚନ୍ଦ୍ର ଓ ବିଘ୍ନେଶ କ୍ରିଷ୍ଣନ୍, ଲୋୟଲା ସ୍କୁଲ, ତ୍ରିଭାନ୍ଦ୍ରମ)କୁ ପ୍ରବେଶ କରିଥିଲେ। ଟିସିଏସ୍‌ର ସିଇଓ ତଥା ଏମ୍‌ଡି ଏନ ଚନ୍ଦ୍ରଶେଖରନ୍ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ଅବସରରେ କହିଥିଲେ ଯେ "ପିଲାମାନଙ୍କର ଜ୍ଞାନ ଓ ଧୀଶକ୍ତି ସହିତ ସେମାନେ ଯେଉଁଭଳି କୌଶଳ ଅବଲମ୍ବନ କରିଛନ୍ତି ତାହା ଦେଖି ସେ ବିସ୍ମିତ ଓ ଅଭିଭୂତ। ପିଲାମାନଙ୍କ ଠାରେ ଯଥେଷ୍ଟ ପ୍ରତିଭା ରହିଛି। ସମସ୍ତ ପ୍ରତିଯୋଗୀ ଦଳକୁ ଅଭିନନ୍ଦନ ଜଣାଉଛି; ପ୍ରତ୍ୟେକ ପ୍ରତିଯୋଗୀ ବେଶ୍ ଉତ୍ତମ ପ୍ରଦର୍ଶନ କରିଛନ୍ତି।" କୁଇଜର ପାଞ୍ଚରାଉଣ୍ଡ ପରେ ଚେନ୍ନଇ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ.ଅଭିନବ ମୋଟ ୫୦ ପଏଣ୍ଟ ରଖିବା ସହିତ ଚମ୍ପିଆନ ହୋଇଥିଲେ। ସେମାନେ ୨୦୧୩ ଟିସିଏସ୍ ଆଇଟି ୱିଜରେ ରନର୍ସ ଅପ ହୋଇଥିଲେ। ଚଳିତ ବର୍ଷ ବିଜେତାଙ୍କୁ ମାକ୍‌ବୁଏୟାର, ସୋନି ହେଡଫୋନ ଏବଂ ୧ଟିବି ଏକ୍ସଟର୍‌ନାଲ ହାର୍ଡଡିସ୍କ, ପାୱାରବ୍ୟାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନ୍ୟୁୟର୍କ ମାରାଥନ୍ କିଟ୍ ସହିତ ସ୍ୱର୍ଣ୍ଣ ପଦକ, ଟ୍ରଫି ପ୍ରଦାନ କରାଯାଇଥିଲା। ଡିଏଭି ପବ୍ଲିକ ସ୍କୁଲ ପୋଖରୀପୁଟ, ଭୁବନେଶ୍ୱରର ଦିବ୍ୟେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇଥିଲେ। ସେମାନଙ୍କୁ ଲେନୋଭୋ ଆଇଡିଆପ୍ୟାଡ ଗୁରୁ, ସୋନି ହେଡଫୋନ, ପାୱାରବ୍ୟାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନ୍ୟୁୟର୍କ ମାରାଥନ୍ କିଟ ସହିତ ରୌପ୍ୟ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଏହି ଅବସରରେ ସମସ୍ତ ୩୦ଜଣ ଫାଇନାଲିଷ୍ଟଙ୍କୁ ନ୍ୟୁୟର୍କ ସିଟି ମାରାଥନ କିଟ୍, ପାୱାରବ୍ୟାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ସିଇଓଙ୍କ ନିକଟରୁ ବ୍ୟକ୍ତିଗତ ଭାବେ ସ୍ୱାକ୍ଷର କରାଯାଇଥିବା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଫାଇନାଲ ପ୍ରତିଯୋଗିତାକୁ ବିଶିଷ୍ଟ କୁଇଜମାଷ୍ଟର ଗିରି "ପିକ୍‌ବ୍ରେନ'ବାଲସୁବ୍ରମଣ୍ୟମ୍ ଆନିମେସନ ସଫ୍‌ଟୱେୟାର ଦ୍ୱାରା ବିକଶିତ କରାଯାଇଥିବା ଗାମିଫିକେସନ ରାଉଣ୍ଡ ପଦ୍ଧତିରେ ପରିଚାଳନା କରିଥିଲେ, ଯଦ୍ୱାରା ଦର୍ଶକ ଓ ପ୍ରତିଯୋଗୀ ନିଜ ନିଜ ଆସନରୁ ତିଳେହେଲେ ଘୁଞ୍ଚି ପାରିନଥିଲେ। ପ୍ରତିଯୋଗିତାର ବିଭିନ୍ନ ରାଉଣ୍ଡ ମଧ୍ୟରେ ଫ୍ଲିପବୋର୍ଡିଂ, ଡ୍ରୋନିଂ, ଡିସ୍‌ରପଟିଭ ଥିଙ୍କିଙ୍ଗ, ସୋ ଲୋ ମୋ ଆଦି ସ୍ଥାନ ପାଇଥିଲା। ମେଗା ଫାଇନାଲରେ ଟ୍ୱିଟର ପ୍ରତିଯୋଗିତାରେ ୬୨୦୦ରୁ ଅଧିକ ଟ୍ୱିଟ୍ ସ୍ଥାନ ପାଇଥିଲା। ଶ୍ରେଷ୍ଠ ଦୁଇଟି ଟ୍ୱିଟ୍‌କୁ ଏକ ସାମ୍‌ସଙ୍ଗ ଟାବଲେଟ ଓ ଲେନୋଭୋ ଟାବ୍‌ଲେଟ୍ ପ୍ରଦାନ କରାଯାଇଥିଲା। ଭାରତ, ୟୁଏଇ, ଅଷ୍ଟ୍ରେଲିଆ ଏବଂ ଆମେରିକାର ୪୦୦୦ରୁ ଅଧିକ ଦର୍ଶକ ଏହାକୁ ଲାଇଭ୍ ୱେବକାଷ୍ଟରେ ଦେଖିଥିଲେ।